ଡ଼ିସେମ୍ବର ୧୧,୨୦୦୫ ରବିବାର

Google Search

## ଓଡ଼ିଶାରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ବୁଦ୍ଧିଜୀବିଙ୍କ ଶୋଭାଯାତ୍ରା

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ଡିସେମ୍ବର ୧୧(ଓଡ଼ିଶା ଡଟ୍ କମ୍) ଓଡ଼ିଶାରେ ପ୍ରସ୍ତାବିତ ବିଜ୍ଞାନ ସଂସ୍ଥାର ପ୍ରତିଷ୍ଠା ଦାବି କରି ରବିବାର ଭୁବନେଶ୍ୱରରେ ରାଜ୍ୟର ଶତାଧିକ ବୁଦ୍ଧିଜୀବି ଏକ ଶୋଭାଯାତ୍ରାରେ ବାହାରିଥିଲେ।

୨୦୦୩ ମସିହାରେ ବିଜେପି ନେତୃତ୍ୱରେ ତତ୍କାଳୀନ କେନ୍ଦ୍ର ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନର ୟୁପିଏ ସରକାର ଉକ୍ତ ସଂସ୍ଥାର ନାମ ବଦଳାଇ କୋଲକାତାକୁ ସ୍ଥାନାନ୍ତର କରିଛନ୍ତି ବୋଲି ବୁଦ୍ଧିଜୀବିମାନେ ଅଭିଯୋଗ କରିଥିଲେ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଗାମୀ ଓଡ଼ିଶା' ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ରାଜ୍ୟର ଶିକ୍ଷାବିତ୍, ଆଇନଜୀବି, ସ୍ୱାସ୍ଥ୍ୟ ବିଶେଷଜ୍ଞ, ଶିଳ୍ପପତି, ସାଂସଦ, ରାଜନୈତିକ, ଛାତ୍ରଛାତ୍ରୀ ଯୋଗ ଦେଇ ଏକ ନୀରବ ଶୋଭାଯାତ୍ରାରେ ସ୍ଥାନୀୟ ଏଜି ଛକରୁ ରାଜଭବନ ପର୍ଯ୍ୟନ୍ତ ଯାଇଥିଲେ।

**ଏହାସହ ପଢ଼ନ୍ତୁ**

ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗକୁ ଉଠାଇବ ଏନ୍‌ଡ଼ିଏ
ବିଜ୍ଞାନ ସଂସ୍ଥା ସ୍ଥାପନ ଦାବିରେ ଲୋକସଭାରେ ସାଂସଦଙ୍କ ହଟ୍ଟଗୋଳ
ଓଡ଼ିଶାରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଆନ୍ଦୋଳନ ତେଜିଲା
ବିଜ୍ଞାନ ସଂସ୍ଥା ସ୍ଥାପନ ଦାବିରେ ଜୁଏଲଙ୍କ ନେତୃତ୍ୱରେ ବିଜେପିର ଗଣଧାରଣା
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ଉପରେ ହାଇକୋର୍ଟଙ୍କ ରହିତାଦେଶ
ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ଓଡ଼ିଶାରେ ଆନ୍ଦୋଳନ ପ୍ରସ୍ତୁତି
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ନେଇ ସରକାରଙ୍କୁ ତଥ୍ୟ ମାଗିଲେ ହାଇକୋର୍ଟ
ବିଜ୍ଞାନ ସଂସ୍ଥା ସ୍ଥାନାନ୍ତର ପ୍ରସଙ୍ଗ ସଂସଦରେ ଉଠାଇବାକୁ ନେତାଙ୍କ ପ୍ରତିଶ୍ରୁତି
ଚାପ ପରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବି ଦୋହରାଇଲେ ସରକାର
ବିଜ୍ଞାନ ସଂସ୍ଥା କଲିକତା ସ୍ଥାନାନ୍ତର ପ୍ରସ୍ତାବକୁ  ମୁଖ୍ୟମନ୍ତ୍ରୀଙ୍କ ବିରୋଧ
ପ୍ରସ୍ତାବିତ ବିଜ୍ଞାନ ସଂସ୍ଥା ସ୍ଥାନାନ୍ତରକୁ ବିରୋଧ କରି ଶତାଧିକ ଗିରଫ

ଆନ୍ଦୋଳନକାରୀମାନଙ୍କ ପକ୍ଷରୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ଥାନୀୟ କଳିଙ୍ଗ ହସପିଟାଲର ଅଧକ୍ଷ ଡି କେ ରାୟ, ଆମେରିକାର ଆଲବାମା ବିଶ୍ୱବିଦ୍ୟାଳୟରେ ପ୍ରଫେସରଭାବେ କାର୍ଯ୍ୟରତ ଦିଗମ୍ବର ମିଶ୍ର, ନାଲକୋ କର୍ମଚାରୀ ସଂଘର ସଭାପତି ଏଲ. ଏମ୍ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଏସ୍ କେ. ତ୍ରିପାଠୀ ଏ ସଂକ୍ରାନ୍ତରେ ରାଜ୍ୟପାଳଙ୍କୁ ଏକ ସ୍ମାରକ ପତ୍ର ଦେଇଥିଲେ।

ଗତ ୮ ତାରିଖରେ ସଂପୃକ୍ତ ଅନୁଷ୍ଠାନ ତରଫରୁ ଆୟୋଜିତ ଏକ 'ମଶାଲ ସମାବେଶ'ରେ ଯୋଗ ଦେଇ ପ୍ରାୟ ୨୦୦ ଛାତ୍ରଛାତ୍ରୀ ରାଜ୍ୟରେ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ଦାବିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକ ପତ୍ର ଦେଇଥିବା ଅନୁଷ୍ଠାନର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି।

ଓଡ଼ିଶା ଡଟ୍ କମ୍

# ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱ୍ାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା

